# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛ ଚାଷ ସମ୍ବନ୍ଧୀୟ ତାଲିମ ଶିବିର ।

ଅନୁଗୋଳ, ତା.୧୭.୦୮.:- ଜିଲ୍ଲା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ପ୍ରାଣୀମିତ୍ରମାନଙ୍କୁ ନେଇ ବ୍ଲକ୍ ସ୍ତରୀୟ ମାଛ ଚାଷ ସମ୍ବନ୍ଧୀୟ ତାଲିମ ଶିବିର ଗତକାଲି ଠାରୁ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନିଆ ଏହି ତାଲିମ ଶିବିରରେ ବଅଁରପାଳ ଓ ଛେଣ୍ଡିପଦା ବ୍ଲକର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ପ୍ରାଣୀମିତ୍ରମାନେ ଯୋଗ ଦେଇଥିଲେ । ଉପ-ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ଶାନ୍ତନୁ କୁମାର ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ସୁବୁଭା ସିଂ,ଓଡିଶା ଜିବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ନିରୋଦ କୁମାର ଜେନା,ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଶ୍ରୀମତୀ ଅନୁସୟା ମିଶ୍ର ଓ ଉକ୍ତ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ବସନ୍ତ ମଲ୍ଲିକ,ଓ୍ୱାର୍ଲଡଫିସର ଆଂଚଳିକ ପରିଚାଳିକା ସୁଶ୍ରୀ ରେଶ୍ମା ନାୟକ, ରେଲିଆନସ ଫାଉଣ୍ଡେସନ୍ ତରଫରୁ ଶ୍ରୀ ଅଶୋକ କୁମାର ମଲ୍ଲିକ ଓ ଅବସରପ୍ରାପ୍ତ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶ୍ରୀ ସୁଜିତ୍ କୁମାର ଦାଶ ପ୍ରମୁଖ ଶିବିରରେ ଯୋଗ ଦେଇ ସରକାରଙ୍କ ଦ୍ୱାରା ପ୍ରଚଳିତ ମାଛଚାଷର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିବା ସହ ଏହାଦ୍ୱାରା ମହିଳାମାନେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତପ୍ରକାଶ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପଞ୍ଚାୟତ ପୋଖରୀକୁ ଏକର ପିଛା ବାର୍ଷିକ ୨ ହଜାର ଟଂକା ମୂଲ୍ୟରେ ଦୀର୍ଘମିଆଦି ସୂତ୍ରରେ ଠିକା ନେଇ ଋଣ ଗ୍ରହଣ କରି ମାଛ ଚାଷ କରିବାକୁ ଗୋଷ୍ଠୀର ସଦସ୍ୟାମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏକ ହେକ୍ଟର ଜଳାୟତନ ବିଶିଷ୍ଟ ପୋଖରୀରେ ପ୍ରକଳ୍ପ ମୂଲ୍ୟ ଟ.୧,୫୦.୦୦୦ ଙ୍କାରେ ୬୦ ପ୍ରତିଶତ ରିହାତି ଦେବା ସହିତ ଆବର୍ତ୍ତନ ପାଣ୍ଠି ଟ.୫୦୦୦ ଙ୍କା ଦେବାର ବନ୍ଦୋବସ୍ତ ଅଛି । ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶ୍ରୀ ବିଶ୍ୱଜିତ୍ ଦାସ ଓ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ଲୋପାମୁଦ୍ରା ବେହେରା ବୈଜ୍ଞାନିକ ପଦ୍ଧତିରେ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ କରିବା ସମ୍ପର୍କରେ ସୂଚନା ଦେଇଥିଲେ । ଆଜି ଶିବିରର ଦ୍ୱିତୀୟ ଦିବସରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କୁଲାଡ ଗ୍ରାମସ୍ଥ ଶ୍ରୀ ଦିବ୍ୟରଂଜନ ସିଂହଙ୍କ ପୋଖରୀ ଓ ଅନୁଗୋଳ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରକୁ କ୍ଷେତ୍ର ପ୍ରଦର୍ଶନରେ ଯାଇ ପାଣିର ପି ଏଚ୍, ପ୍ଲାଙ୍କଟନ୍,ବିଭିନ୍ନ ପ୍ରକାର ଯାଆଁଳ ଚିହ୍ନଟକରଣ,ପୋଖରୀ ପ୍ରସ୍ତୁତି ଓ ଖାଦ୍ୟ ପ୍ରୟୋଗ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ ।


ଉପ ମତ୍ସ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ
(ଅନୁଗୋଳ ମଣ୍ଡଳ) ଅନୁଗୋଳ.
THE DY. DIRECTOR OF FISHERIES
ZONE) ANGUL
WorldFish
ପୋଖରୀରେ ମାଛଚାଷ ନିମନ୍ତେ
ପ୍ରଶିକ୍ଷଣ ଓ କ୍ଷେତ୍ର ପରିଦର୍ଶନ
ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର
୧୬.୦୮.୨୦୧୯ ଓ ୧୭.୦୮.୨୦୧୯
ମିଶନ ଶକ୍ତି ଓ ୱାର୍ଲ୍ଡ ଫିସ୍, ଓଡ଼ିଶା
ଜିଲ୍ଲା ମତ୍ସ୍ୟ ବିଭାଗ, ଅନୁଗୋଳ
Latitude: 20.831876
Longitude: 85.096447
Accuracy: 98.4m
Time: 16-08-2019 15:43
Note:
Powered by NoteCam


Latitude: 20.831876
Longitude: 85.096447
Accuracy: 128.9m
Time: 16-08-2019 11:48
Note:
Powered by NoteCam